## କୋର୍ଟ ପରିସରରୁ ଅଭିଯୁକ୍ତ ଖସିଗଲେ

କୁଜଙ୍ଗ,(ଡି.ଏନ୍.ଏ.)- କୁଜଙ୍ଗ କୋର୍ଟ ପରିସରରୁ ଶୁକ୍ରବାର ଜଣେ ଅଭିଯୁକ୍ତ ଖସିଯିବା ପରେ ପୁନର୍ବାର ପୋଲିସ ତାଙ୍କୁ ଧରିବାକୁ ସକ୍ଷମ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପାରାଦୀପ ଲକ୍ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲୀ ଗ୍ରାମର ସଂଗ୍ରାମ ଦାସଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ କୁଜଙ୍ଗ କୋର୍ଟକୁ ଲକ୍ ଥାନା ପୋଲିସ ହାଜିର କରିବାକୁ ଆଣିଥିଲା। ଏହି ସମୟରେ ସଂଗ୍ରାମ କୌଣସି ମତେ ଖସିଯାଇଥିଲେ। ତତ୍‌କ୍ଷଣାତ କୁଜଙ୍ଗ ପୋଲିସ ସହାୟତାରେ ତାଙ୍କୁ ଜଗନ୍ନାଥପୁର ଗ୍ରାମରୁ କାବୁ କରାଯାଇଥିଲା।



## ସଂକ୍ଷେପରେ

### ନକଲି ଆଇଆଇସି, ତହସିଲଦାରଙ୍କୁ ମାଡ଼

ଏରସମା,୩୦।୪(ସ୍ୱ.ପ୍ର.):ଏରସମା ବଜାରରେ ଗୁରୁବାର ରାତିରେ ୨ ଜଣ ଦୁର୍ବୃତ୍ତ ନିଜକୁ ନୂତନ ଆଇଆଇସି ଓ ତହସିଲଦାର ବୋଲି ପରିଚୟ ଦେଇ ମାସ୍କ ଚେକିଂ କରୁଥିବାବେଳେ ଲୋକେ ନିସ୍କୁକ ପିଟିଛନ୍ତି। ଖବରପାଇ ଏରସମା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ପଚରାଉଚୁରା କରୁଛି। ୨ ଜଣ ଦୁର୍ବୃତ୍ତଙ୍କ ଘର ତିର୍ତ୍ତୋଲ ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ରାତି ପ୍ରାୟ ୯ଟାରେ ସେମାନେ କୋଠି ଛକରେ ପହଞ୍ଚି ନିଜକୁ ସେମାନେ ମାସ୍କ ଯାଞ୍ଚ କରିଥିଲେ। ମାସ୍କ ପିନ୍ଧି ନ ଥିବା ବ୍ୟବସାୟୀ ଓ ଉପସ୍ଥିତ ଲୋକଙ୍କୁ ଧରି ମାଡ଼ ମାରିବା ସହ ଜରିମାନା ଆଦାୟ କରିଥିଲେ। କୌଣସିସୂତ୍ରରୁ ଲୋକେ ସେମାନଙ୍କୁ ନକଲି ବୋଲି ଜାଣିପାରି ଘେରିଯାଇ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି, ଅଭିଯୁକ୍ତ ଏବେ ଥାନାରେ ଅଟକ ଅଛନ୍ତି। ମାତ୍ର ସେମାନଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲିଚନ୍ଦ୍ରପୁର,୩୦।୪(ଡି.ଏନ.ଏ.): ସଡ଼କ ଦୁର୍ଘଟଣାରେ ଗୁରୁବାର ରାତିରେ ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଅମିର ମହଲାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅମିର ମହଲାର ସୋଲେମାନଙ୍କ ପୁଅ ସେକ୍ ଫୁରକାନ୍ (୨୬)। ସେକ୍ ଫୁରକାନ୍ ବାଲିଚନ୍ଦ୍ରପୁର ବଜାରରୁ ଘରକୁ ବାଇକ୍‌ରେ ଫେରୁଥିବା ସମୟରେ ଆମ୍ବସୌରୀ ନିକଟରେ ଏକ ସାଇକେଲ ଆରୋହୀଙ୍କୁ ରକ୍ଷା କରିବାକୁ ଯାଇ କେନାଲ ବନ୍ଧରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍‌କୁ ଧକ୍କା କରିଥିଲେ। ଫଳରେ ତାଙ୍କ ଛାତିରେ ଗଭୀର ଆଘାତ ଲାଗିଥିଲା। ସେ ଘଟଣାସ୍ଥଳରେ ଅଚେତ୍ ହୋଇଯାଇଥିବା ବେଳେ ତାଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ହାତ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ତେବେ ବାଟରେ ସେକ୍ ଫୁରକାନଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଚାରିନଙ୍ଗଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସରପଞ୍ଚ ଯଦୁମଣି ଦାସ, ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ଯାଜପୁର ଜିଲା ବିଜେଡି ସଂଖ୍ୟାଲଘୁ ସେଲର ଉପସଭାପତି ସେକ୍ ମୋଇନ୍ ଅହେମ୍ମଦ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ମା'ଚାଇଁଚାଇଁ ମନ୍ଦିରରୁ ଚୋରି

ପାରାଦୀପ/କୁଜଙ୍ଗ ୩୦।୪ (ସ୍ୱ.ପ୍ର./ଡି.ଏନ.ଏ.): ପାରାଦୀପ ଲକ୍ ଥାନା ଥାନା ଅନ୍ତର୍ଗତ ଝିମାଣି ଗ୍ରାମରେ ଗତ ବୁଧବାର ଶଶିକାନ୍ତ ତରାଇଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏକ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଏହି ଥାନା ଅନ୍ତର୍ଗତ ଝିମାଣି ଗ୍ରାମ ସଂଲଗ୍ନ ନାଉଡିଆସ୍ଥିତ ମା'ଚାଇଁ ଚାଇଁ ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୪୦ ହଜାର ଟଙ୍କା ଓ ପୂଜାରେ ବ୍ୟବହୃତ ବାସନ ଚୋରି କରି ନେଇଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆଣି ତଦନ୍ତ କରିଛି। ମାତ୍ର ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ମନ୍ଦିର ପୂଜାରୀଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୧୨୩/୨୧)ରୁଜୁ ହୋଇଛି।

# କରୋନା ବଢ଼ାଇବ ଅପପୁଷ୍ଟି

- ପୁଷ୍ଟିହୀନଙ୍କ ଚିହ୍ନଟରେ ବାଧକ କଟକଣା
- ଦରଦାମ ବୃଦ୍ଧି ପାଇଁ ମିଳୁନି ଉପଯୁକ୍ତ ଖାଦ୍ୟ

କେନ୍ଦ୍ରାପଡ଼ା ଅଫିସ, ୩୦।୪

କରୋନା ସଂକ୍ରମଣ ଦିନକୁଦିନ ବଢ଼ିବାରେ ଲାଗିଛି। ଦ୍ୱିତୀୟ ଲହରର ପ୍ରଭାବ ପାଇଁ କେନ୍ଦ୍ରାପଡ଼ା ଜିଲାରେ ସପ୍ତାହର ଶନିବାର, ରବିବାର ବନ୍ଦ ସହ ପ୍ରତିଦିନ ଦୋକାନ ବଜାର ଅପରାହ୍ନ ୨ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଯାତାୟାତରେ କଟକଣା ଲାଗିଛି। ଏଥିରେ ବିଶେଷ ଭାବେ ପୁଷ୍ଟିହୀନ ରୋଗରେ ଆକ୍ରାନ୍ତ ମା' ଓ ଶିଶୁ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି। କଟକଣା ପାଇଁ ଚିହ୍ନଟରେ ବ୍ୟତିକ୍ରମ ସହ ଦରଦାମ ବୃଦ୍ଧି ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣକୁ ପ୍ରଭାବିତ କରିପାରେ। ଜିଲା ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ୨,୧୪୭ ଅଙ୍ଗନୱାଡି କେନ୍ଦ୍ର ଅଛି। ଏହା ଅଧୀନରେ ସ୍ୱତନ୍ତ୍ର ପୁଷ୍ଟି ଯୋଜନାରେ ଜିଲାର ୯,୯୫୨ ଗର୍ଭବତୀଙ୍କ ଅପପୁଷ୍ଟି ରୋକିବାକୁ ଖାଦ୍ୟ ପ୍ରଦାନ କରାଯାଉଛି। ସେହିପରି ୧୦,୩୬୭ ଗର୍ଭବତୀ, ୬ ମାସରୁ ୩ ବର୍ଷର ୫୬,୫୬୨ ଶିଶୁ ଓ ୩ରୁ ୬ ବର୍ଷ ପର୍ଯ୍ୟନ୍ତ ୫୨,୭୩୮ ଶିଶୁଙ୍କୁ ଖାଦ୍ୟ ଯୋଗାଣ ହେଉଛି। ଏହା ବ୍ୟତୀତ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର କର୍ମଚାରୀ ଅପପୁଷ୍ଟିର ଶିକାର ହୋଇଥିବା ମା' ଓ ଶିଶୁଙ୍କୁ ଖୋଜିବା ସହ ସ୍ୱତନ୍ତ୍ର ପୁଷ୍ଟି ଯୋଜନାରେ ସାମିଲ କରୁଛନ୍ତି। ବିଭାଗୀୟ ତଥ୍ୟ ଅନୁଯାୟୀ, ଜିଲାରେ ଥିବା ୧,୦୯,୩୩୭ ଜଣ ଶିଶୁଙ୍କ ମଧ୍ୟରୁ ୨,୧୫୪ ଜଣଙ୍କ ସ୍ୱାସ୍ଥ୍ୟ ସ୍ଥିତି ଚଳନୀୟ ଥିବା ବେଳେ ୨,୫୨୯ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏଥିମଧ୍ୟରୁ ୨,୨୭୫ ଶିଶୁଙ୍କ ଓଜନ ଆବଶ୍ୟକ ପରିମାଣଠାରୁ କମ ଥିବାବେଳେ ଅବଶିଷ୍ଟଙ୍କ ସ୍ଥିତି ଉଦ୍‌ବେଗଜନକ ରହିଛି। ଏହାବ୍ୟତୀତ ଜିଲା ଶିଶୁ ସୁରକ୍ଷା ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ୨୯୩ ଶିଶୁ ପେଟ ପାଇଁ ବାରଦୁଆର ହେଉଛନ୍ତି। ଖାଦ୍ୟ ସୁରକ୍ଷା ଏବେ ଏମାନଙ୍କ ପାଇଁ ଜରୁରୀ ହୋଇପଡିଛି। ଏ ସମ୍ପର୍କରେ



ଜିଲା ଅଙ୍ଗନୱାଡି କର୍ମୀ ଓ ପାଚିକା ସଂଘର କର୍ମକର୍ତ୍ତା ରମଣୀରଞ୍ଜନ ରାଉତରାୟ, ଡେରାବିଶର ଅଭିମନ୍ୟୁ ସାମଲ, ସୁଖଦାନନ୍ଦ ତ୍ରିପାଠୀ, ପଟ୍ଟାମୁଣ୍ଡାଇର କଳ୍ପତରୁ ରାଉତରାୟ, ମିଳନ କୁମାର ଧଳ, ରାଜନଗରର ଧନେଶ୍ୱର ଭୂୟାଁ ପ୍ରମୁଖ ଅଭିଭାବକମାନେ କହିଛନ୍ତି, କରୋନା ସଂକ୍ରମଣର ପ୍ରଥମ ଲହର ଥମିବା ପରେ ସମନ୍ୱିତ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଖୋଲା ଯାଇଥିଲା। ଏହାପରେ ଶିଶୁଙ୍କୁ ପୁଷ୍ଟିକର ଆହାର ଯୋଗାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତେବେ ଦ୍ୱିତୀୟ ଲହର ଆରମ୍ଭ ପରେ ଏହି କେନ୍ଦ୍ର ଏବେ ବନ୍ଦ ରହିଛି। କାରଣ କେତେଜଣ ଅଭିଭାବକ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର ଛାଡ଼ୁ ନ ଥିଲେ। ଦ୍ୱିତୀୟରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଅଙ୍ଗନୱାଡି କର୍ମୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଭଳି ସ୍ଥିତିରେ ପ୍ରତି ଘରକୁ ସର୍ବେକ୍ଷଣ କରିବା ସମ୍ଭବ ନୁହେଁ। ଏହାସହ ଗତ ମାସକ ମଧ୍ୟରେ ବହୁ ପ୍ରବାସୀ ଘରକୁ ଫେରିଛନ୍ତି। ଏହି ପ୍ରବାସୀଙ୍କ ମଧ୍ୟରୁ ଅଧିକାଂଶ ଆର୍ଥିକ ଦୁଃସ୍ଥିତିରେ ଅଛନ୍ତି। ଏପରିସ୍ଥିତିରେ ନିଜର ଶିଶୁଙ୍କ ପୁଷ୍ଟିହୀନତା ଚିନ୍ତାର କାରଣ ହୋଇଛି। ଦରଦାମ ବୃଦ୍ଧି ଯୋଗୁ ଅପପୁଷ୍ଟିକୁ ରୋକିବା ରାଜ୍ୟ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସଂକ୍ରମଣର ପ୍ରଭାବକୁ ନେଇ ଆକଳନ କରାଯାଇ ପାରୁ ନ ଥିବାରୁ ଆଗାମୀ ଦିନରେ ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀ ଚିନ୍ମୟୀ ରଥଙ୍କୁ ପଚାରିବାରେ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିଲେ ମଧ୍ୟ କର୍ମୀମାନେ କାର୍ଯ୍ୟ କରୁଛନ୍ତି। ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ ଓ ମହିଳାଙ୍କ ଘରକୁ ଯାଇ ସେମାନଙ୍କୁ ଖାଦ୍ୟ ପ୍ରଦାନ ସହ ଔଷଧ ବ୍ୟବସ୍ଥା କରାଯାଇଛି। ପ୍ରବାସୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହୋଇଛି ବୋଲି ସେ କହିଛନ୍ତି।

# ପେଟ୍ରୋଲ ପମ୍ପରେ ଠକେଇ




ମାପ କରାଯିବା ପାଇଁ ବାଇକ୍‌ରୁ ତେଲ କଢ଼ାଯାଉଛି।

ରାଜନଗର, ୩୦।୪(ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ଛକରେ ଥିବା ସ୍ୱାଗତ ଫିଲିଂ ଷ୍ଟେଶନରେ ଜଣେ ଗ୍ରାହକ ଠକେଇର ଶିକାର ହୋଇଛନ୍ତି। ଅଭିଯୋଗ ମୁତାବକ, ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗାଁର ନରହରି ବେହେରା ନିଜ ବାଇକ୍‌ରେ ଶୁକ୍ରବାର ଗୋପାଳପୁର ଛକରେ ଥିବା ପମ୍ପରେ ୫ ଶହ ଟଙ୍କାର ପେଟ୍ରୋଲ ପକାଇ ଥିଲେ। ବାଇକ୍‌ର ତେଲ ମିଟର କଣ୍ଟା ନ ଉଠିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ ଏ ନେଇ ତେଲ ପକାଇଥିବା କର୍ମଚାରୀଙ୍କୁ କହିଥିଲେ। ହେଲେ କର୍ମଚାରୀ ଜଣକ ଓଲଟା ତାଙ୍କୁ ନାଲିଆଖି ଦେଖାଇ ଥିଲେ। ପୂର୍ବରୁ ସେ ଦୁଇଥର ତେଲ ପକାଇ ଠକାମିର ଶିକାର ହୋଇଥିବାରୁ ତେଲ ମାପିବାକୁ ପେଟ୍ରୋଲ ପମ୍ପରେ ଜିଦ୍ ଧରିଥିଲେ। ଏକ ଜାର ଅଣାଯାଇ ବାଇକ୍‌ରୁ ସମସ୍ତ ପେଟ୍ରୋଲ କଢ଼ା ଯାଇଥିଲା। ସମୁଦାୟ ସାଢେ ୩ ଲିଟର ପେଟ୍ରୋଲ ବାହାରିଥିଲା। ତାଙ୍କ ବାଇକ୍‌ରେ ପୂର୍ବରୁ ଦେଢ ଲିଟର ପେଟ୍ରୋଲ ଥିବାରୁ ମେନରେ ଥିଲା। ଅବଶିଷ୍ଟ ୨ ଲିଟର ତେଲ ବାହାରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେଲ ପକାଇବାକୁ ଆସିଥିବା ଅନ୍ୟ ଗ୍ରାହକମାନେ ଏହାର ପ୍ରତିବାଦ କରିଥିଲେ। ଶେଷରେ ନରହରିଙ୍କ ବାଇକ୍‌ରେ ତେଲ ଫୁଲ କରି ଭୁଲ ମାଗି ପେଟ୍ରୋଲ ପମ୍ପର ପରିଚାଳକ ବିଦା କରିଥିଲେ। ଏ ସମ୍ପର୍କରେ ପେଟ୍ରୋଲ ପମ୍ପର ମ୍ୟାନେଜର ସନାତନ ନାଥଙ୍କୁ ପଚାରିବାରୁ ତାଙ୍କ ଗାଡିରେ ପୂର୍ବରୁ ତେଲ ଥିଲା। ତେଲ କାଢିବା ପରେ ସମୁଦାୟ ସାଢେ ୩ ଲିଟର ବାହାରିଲା। ତେଲ ପକାଇଥିବା କର୍ମଚାରୀଙ୍କୁ ଆମେ ଗାଳି ଦେଇଛୁ। ପୂର୍ବରୁ ଏପରି ଅଭିଯୋଗ ଆମକୁ କେହି କରି ନ ଥିଲେ ବୋଲି ସେ କହିଛନ୍ତି।

# ଜୀବିକା ପାଇଁ ଜୀବନ ବିପଦ

ମହାକାଳପଡ଼ା,୩୦।୪(ଡି.ଏନ.ଏ.)

## ଆଜି ଶ୍ରମିକ ଦିବସ

- ଶୋଷଣର ଶିକାର ହେଉଛନ୍ତି ଅଣପଞ୍ଜୀକୃତ ଶ୍ରମିକ
- ମିଳୁନି ଶ୍ରମିକ କାର୍ଡ



ଟାଣ ଖରାରେ ମହିଳା ଶ୍ରମିକମାନେ କାମ କରୁଛନ୍ତି।

ଶନିବାର ଶ୍ରମିକ ଦିବସ। ଶ୍ରମିକମାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ତୃଣମୂଳ ସ୍ତରର ଶ୍ରମିକମାନଙ୍କ ପାଖରେ ସରକାରଙ୍କ ଏହି ଯୋଜନା ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁ ମହିଳାପୁରୁଷ ଶ୍ରମିକ ନିଜ ଜୀବନ ଜୀବିକା ପାଇଁ କାମ ଯୋଗାଡ ନିମନ୍ତେ ଠିକାଦାରଙ୍କ ନିକଟରେ ନେହୁରା ହେବାକୁ ପଡୁଛି। ଶ୍ରମିକଙ୍କ ଦୈନିକ ମଜୁରିରୁ ଦଶ ପ୍ରତିଶତ ଅର୍ଥ ସିଧାସଳଖ ଠିକାଦାରଙ୍କ ପକେଟ୍‌କୁ ବଟି ହିସାବରେ ଚାଲିଯାଉଛି। ମୁଣ୍ଡଖାଳ ତୁଣ୍ଡରେ ମାରି ସକାଳୁ ଟାଣଖରାରେ ବୋଝ ମୁଣ୍ଡାଇ ଉପାର୍ଜିତ ଅର୍ଥକୁ ମହଙ୍ଗା ବଜାରରେ ସଉଦାପତ୍ର କିଣିବାକୁ ନିଅଣ୍ଟ ପଡୁଛି। ଘରେ ପିଲାମାନେ ଚାହିଁ ରହିଥାନ୍ତି ମା'ବାପା ଫେରିଲେ ପେଟରେ ଦାନା ପଡ଼ିବ।

ଅପରପକ୍ଷେ ଗ୍ରାମାଞ୍ଚଳ ଶ୍ରମିକଙ୍କ ସୁରକ୍ଷା କଥା ପଚାରେ କିଏ। କେତେକ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ଶ୍ରମିକ କାର୍ଡ ପାଇଁ ନିରକ୍ଷର ଶ୍ରମିକଙ୍କଠାରୁ ହଜାରେ ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ପରେ ସେମାନଙ୍କୁ କାର୍ଡ ଦେଉ ନ ଥିବା କେତେଜଣ ଶ୍ରମିକ ଅଭିଯୋଗ କରିଛନ୍ତି। ଆଜକୁ ବର୍ଷେ ତଳେ ଶ୍ରମିକ କାର୍ଡ ଦେବାକୁ କହି ଟଙ୍କା ନେଇ ଏକ ସଙ୍ଗଠନର କର୍ମକର୍ତ୍ତା ଛୁ ମାରିଛନ୍ତି। କେତେକ ଅଣପଞ୍ଜୀକୃତ ଶ୍ରମିକ ସୁବାସ ମଣ୍ଡଳ, ଦିନେଶ ବୈଦ୍ୟ, ଭାଗୀରଥି ଜେନା, ସୁଧୀର ଗାୟନ, ଶ୍ୟାମଳ ବିଶ୍ୱାସ, କୌଶଲ୍ୟା ଗାୟନ ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ଅଞ୍ଚଳର ବହୁ ଶ୍ରମିକ ନିଜ ଅଞ୍ଚଳରେ କାମ ଧନ୍ଦା ନ ପାଇ ବାଧ୍ୟ ହୋଇ ବ୍ଲକ ଓ ଜିଲା ବାହାରକୁ ଯାଇଥାନ୍ତି। ଶ୍ରମିକମାନେ ପାରାଦୀପ ଶିଳ୍ପାଞ୍ଚଳ, ଯାଜପୁର ଜିଲାକୁ ବିପଦପୂର୍ଣ୍ଣ ଅବସ୍ଥାରେ ଅଟୋ, ଟାଟା ଏସ୍‌ସି ଓ ପିକ୍‌ଅପ ଭ୍ୟାନ ଆଦିରେ କୋଡ଼ି, କୋଦାଳ, ଝୁଡ଼ି, ମଧ୍ୟାହ୍ନଭୋଜନ ପାଇଁ ପଖାଳ ଭାତ ନେଇ ବିପଦପୂର୍ଣ୍ଣ ଭାବେ ଦୈନିକ ଯାତାୟାତ କରିଥାନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କୁ ଫୋନ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ।

# ନିର୍ଦ୍ଦେଶ ମାନୁନାହାନ୍ତି ସହକାରୀ ଶିକ୍ଷକ

ରସୁଲପୁର,୩୦।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଶ୍ୱିନ ଶତପଥୀ ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି। ୧ ମାସରୁ ଅଧିକ ସମୟ ହେଲା ଶିକ୍ଷକ ଶତପଥୀଙ୍କୁ ଭଗତ ଭଗବାନ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ଯିବାକୁ କୁହାଯାଇଛି। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କର ଚିଠି ନଂ-୩୬୮/୨୫/୦୩/୨୧ରେ ତାଙ୍କୁ ଡେପୁଟେଶନରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶକୁ ଶତପଥୀ ପାଳନ କରୁ ନ ଥିବାରୁ ଭଗତ ଭଗବାନ ବିଦ୍ୟାଳୟ ପରିଚାଳନାରେ ବାଧା ଉପୁଜିଛି।

ସୂଚନାଯୋଗ୍ୟ, କରଞ୍ଜିଆରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭ଟି ଶ୍ରେଣୀ ପାଇଁ ୫ଜଣ ଶିକ୍ଷକ ଅଛନ୍ତି। ମାତ୍ର ଭଗତ ଭଗବାନ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଅଛନ୍ତି। ତେଣୁ ଏଠାରେ ପାଠ ପଢ଼ାଇବା ସହ ବିଦ୍ୟାଳୟ ପରିଚାଳନାରେ ଅସୁବିଧା ହେଉଛି। ଉକ୍ତ ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସହକାରୀ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ଏବେ ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇଛି। ନାମଲେଖା କାର୍ଯ୍ୟ ପରିଚାଳନାରେ ଜଣେ ଶିକ୍ଷକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଶିକ୍ଷକ ଜଣଙ୍କ ଯେଉଁ ଦିନ ଛୁଟିରେ ରହିବେ, ସେହିଦିନ ବିଦ୍ୟାଳୟରେ ତାଲ ଝୁଲିବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ସହକାରୀ ଶିକ୍ଷକ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି। ଏନେଇ ସହକାରୀ ଶିକ୍ଷକ ଶତପଥୀଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ବ୍ଲକ ଭାରପ୍ରାପ୍ତ ଶିକ୍ଷାଧିକାରୀ ସୁଦର୍ଶନ ମଲିକ କହିଛନ୍ତି, ସେ ଅଳ୍ପଦିନ ହେଲା ଏଠାରେ ଯୋଗ ଦେଇଛନ୍ତି। ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ଅବଗତ ହେବାପରେ ଯାହାକିଛି ପଦକ୍ଷେପ ଗ୍ରହଣ କରିବେ।

# ପାଣି ମିଶା ତେଲକୁ ନେଇ ଉତ୍ତେଜନା

ଚଣ୍ଡିଖୋଲ,୩୦।୪(ଡି.ଏନ.ଏ.)



ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ପାଣି ମିଶା ତେଲ ବାହାରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗୁରୁବାର ସନ୍ଧ୍ୟାରେ ଉକ୍ତ ପେଟ୍ରୋଲ ପମ୍ପରେ ଉତ୍ତେଜନା ଦେଖାଯାଇଥିଲା। କେତେଜଣ ଗ୍ରାହକ ବାଇକ୍‌ରେ ତେଲ ପକାଇ ଟାଙ୍କିରୁ ୨୦୦ମିଟର ଆସିବା ପରେ ଗାଡ଼ି ବନ୍ଦ ହୋଇଯାଇଥିଲା। ଏହା ପରେ ସେମାନେ ମେକାନିକ୍‌କୁ ଦେଖାଇବାରୁ ପେଟ୍ରୋଲରେ ପାଣି ମିଶିଥିବା ଜାଣିବାକୁ ପାଇଥିଲେ। ଧଳା ବୋତଲ ନେଇ ପେଟ୍ରୋଲ ଆଣିଲାବେଳକୁ ସେଥିରେ ମଧ୍ୟ ପାଣି ବାହାରି ଥିଲା। ଯାହାକୁ ନେଇ ସେଠାରେ ଉତ୍ତେଜନ ପ୍ରକାଶ ପାଇଥିଲା।

ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢୁଥିବାବେଳେ କେତେକ ଟାଙ୍କି ମାଲିକମାନେ ଅପମିଶ୍ରଣ କରୁଛନ୍ତି। କିଛି ଦିନ ତଳେ ମାହାଙ୍ଗା ଥାନା କୁଆଁପାଳଠାରେ ଥିବା ଏକ ପେଟ୍ରୋଲ ଟାଙ୍କିରୁ ପାଣିମିଶା ପେଟ୍ରୋଲ ବାହାରି ଥିଲା। ଏହାପରେ ଉପରିସ୍ଥ ଅଧିକାରୀ ଆସି ଉକ୍ତ ପେଟ୍ରୋଲ ପମ୍ପକୁ ସିଲ କରିଥିଲେ। ସେହିପରି ବରୀଠାରେ ଥିବା ଏକ ପେଟ୍ରୋଲ ପମ୍ପରୁ ପାଣିମିଶା ତେଲ ବାହାରିବା ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। କେବଳ ଏହି ତିନୋଟି ପେଟ୍ରୋଲ ପମ୍ପ ନୁହେଁ ବିଭିନ୍ନ ସ୍ଥାନରେ ଏଭଳି ଅପମିଶ୍ରିତ ତେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏସମ୍ପର୍କରେ ଜିଲା ସହ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ କହିଛନ୍ତି, ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଲେ ଆମ୍ଭେ ପେଟ୍ରୋଲ ପମ୍ପର ତଦାରଖ କରିବୁ ଓ କାର୍ଯ୍ୟାନୁଷ୍ଠାନ ନେବୁ।

# ଗ୍ରାମାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ୍



ବୈଠକରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବଜାର କମିଟି କର୍ମକର୍ତ୍ତା।

ଜଗତ୍‌ସିଂହପୁର ଅଫିସ, ୩୦।୪

## ଜିଲା ପ୍ରଶାସନ ସହ ବିଭିନ୍ନ ବଜାର କମିଟି କର୍ମକର୍ତ୍ତାଙ୍କ ବୈଠକ

କରୋନାର ୨ୟ ଲହରର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ଶୁକ୍ରବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାର ବିଭିନ୍ନ ବଜାର କମିଟି କର୍ମକର୍ତ୍ତା ଓ ଜିଲା ପ୍ରଶାସନ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସପ୍ତାହାନ୍ତ ଶଟ୍‌ଡାଉନ ଉପରେ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ବଜାର କମିଟି କର୍ମକର୍ତ୍ତାଙ୍କ ପ୍ରସ୍ତାବକ୍ରମେ ଆସନ୍ତା ସପ୍ତାହରୁ ଜିଲାର ପୌରାଞ୍ଚଳ ସହ ଗ୍ରାମାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସମସ୍ତ ଗ୍ରାମାଞ୍ଚଳରେ ସକାଳ ୫ରୁ ଅପରାହ୍ନ ୨ଟା, ପାରାଦୀପ ପୌରାଞ୍ଚଳରେ ସକାଳ ୫ରୁ ଅପରାହ୍ନ ୪ଟା ଓ ଜଗତ୍‌ସିଂହପୁର ପୌରାଞ୍ଚଳରେ ସକାଳ ୫ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲାରହିବ। କୁଜଙ୍ଗ ହାଟ ଆସନ୍ତା ସପ୍ତାହରୁ ଶନିବାର ପରିବର୍ତ୍ତେ ଶୁକ୍ରବାର କରାଯିବ। ମେ ୧୪ ପରେ ପୁନଶ୍ଚ ବୈଠକ ଡକାଯାଇ ଏହାର ସମୀକ୍ଷା କରାଯିବ। କୁଜଙ୍ଗ, ରାହାମା ଓ ତିର୍ତ୍ତୋଲ ବଜାରରେ ଅଧିକ ଗହଳି ହେଉଥିବାରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ନ ଦେଲେ ପରିସ୍ଥିତି ବିଗିଡି ଯିବ ବୋଲି ଜିଲାପାଳ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ଜଗତ୍‌ସିଂହପୁର ସହର, ତିର୍ତ୍ତୋଲ, ରାହାମା ଓ କୁଜଙ୍ଗ ବଜାର କମିଟି ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ: ୪ ଗିରଫ

କୁଜଙ୍ଗ, ୩୦।୪(ଡି.ଏନ୍.ଏ.)

କୁଜଙ୍ଗ ଥାନା ପୋଲିସ ଗୁରୁବାର ରାତିରେ ଏହି ଥାନା ଅନ୍ତର୍ଗତ ଫତେପୁରସ୍ଥିତ ଟ୍ରେନ ଲାଇନ କଡରେ ଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରିଛି। ଏହି ଅବସରରେ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୬ଟି ବାଇକ୍, ୪ ସାଇକେଲ ଓ ୧୧୦୦ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ସାହୁ ବଜାରର କୃଷ୍ଣ ଖଟୁଆ, ବେଦାପାଟ ଗ୍ରାମର ଟୁଲୁ ମାଝି, କାଳିଆ ପାଟର ମନୋଜ ସାମଲ ଓ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବଗଦିଆ ଗ୍ରାମର ଭରତ ତରାଇ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ.୧୪୮/୨୧)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଜାମିନ୍‌ରେ ଛାଡ଼ି ଦିଆଯାଇଛି।

# ଫେଡେରେଶନ ପୁନର୍ଗଠନ ଉଦ୍ୟମ ବିଫଳ

ରସୁଲପୁର,୩୦।୪(ଡି.ଏନ.ଏ.)

## ରସୁଲପୁର ବ୍ଲକ ମିଶନ ଶକ୍ତି ସଂଗଠନକୁ ନେଇ ବିବାଦ

- କୋରମ ଅଭାବରୁ ବୈଠକ ବାତିଲ

ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ମା' ବିରଜା ମହାସଂଘ ନାମକ ଫେଡେରେଶନକୁ ପୁନର୍ଗଠନ ଉଦ୍ୟମ ବିଫଳ ହୋଇଛି। କୋରମ ଅଭାବରୁ ବୈଠକ ବାତିଲ ହୋଇଛି। ଏଭଳି ବୈଠକ ଡାକିବା ମହିଳା ଶିଶୁ ବିକାଶ ଅଧିକାରୀଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ସେ ଚାପର ବଶବର୍ତ୍ତୀ ହୋଇ ଅଗଣତାନ୍ତ୍ରିକ ପଦ୍ଧତିରେ ଏଭଳି କରିଥିଲେ। ମାତ୍ର ଏହି ଯୋଜନା ଫଳପ୍ରଦ ହୋଇପାରିନାହିଁ ବୋଲି ଫେଡରଶନର କର୍ମକର୍ତ୍ତା କହିଛନ୍ତି।

କର୍ମକର୍ତ୍ତା କହିଛନ୍ତି, ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ଯୋଜନାକୁ ସଫଳ ପାଇଁ ୨୦୦୯ରେ ମା' ବିରଜା ମହାସଂଘ ବ୍ଲକ ଫେଡେରେଶନ ଗଠନ ହୋଇଥିଲା। ଫେଡେରେଶନ ଅଧୀନରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ କାମ କରୁଛନ୍ତି। ଏହାର କାର୍ଯ୍ୟକାରୀ କମିଟିରୁ ୬ ସଭ୍ୟା ଇସ୍ତଫା ଦେଇଥିଲେ। ତେଣୁ ଉକ୍ତ କାର୍ଯ୍ୟକାରୀ କମିଟିକୁ ପୁନର୍ଗଠନ ପାଇଁ ରସୁଲପୁର ସିଡିପିଓ, ରସୁଲପୁର ବିଡିଓଙ୍କୁ ଚିଠି ଲେଖି ମାର୍ଚ୍ଚ ୧୮ରେ ବୈଠକ ଡକାଇବା ପାଇଁ ସହଯୋଗ କାମନା କରିଥିଲେ। କିନ୍ତୁ ବୈଠକ ବ୍ଲକ ସଭାଗୃହରେ ୧୮ ବଦଳରେ ୨୧ ତାରିଖରେ ଡକାଯାଇ କାର୍ଯ୍ୟକାରୀ କମିଟି ପୁନର୍ଗଠନ କରାଯାଇଥିଲା। କମିଟି ସଭାନେତ୍ରୀ ଅହଲ୍ୟା ମଣ୍ଡଳ ଇସ୍ତଫା ଦେଇଥିବାରୁ ପ୍ରଣତି ସାହୁଙ୍କୁ ସଭାନେତ୍ରୀ କରାଯାଇଥିଲା। ହେଲେ ହଠାତ କମିଟି ପୁନର୍ଗଠନ ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଥିଲା। ସିଡିପିଓ ୨୬।୪।୨୧ରେ ତାଙ୍କ ପତ୍ର ସଂଖ୍ୟା ୨୫୧ ରେ ବ୍ଲକ ଫେଡେରେଶନ ପୁନର୍ଗଠନ ପାଇଁ ବିଡିଓଙ୍କୁ ପତ୍ର ଲେଖିଥିଲେ। ୩୦।୪।୨୧ ଶୁକ୍ରବାର ବୈଠକ ବ୍ଲକ ସଭାଗୃହରେ ଡକାଯାଇଥିଲା। ଚିଠିରେ ଏପରି ପୁନର୍ଗଠନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ହେଉଥିବା ସିଡିପିଓ ଉଲ୍ଲେଖ କରିଥିଲେ ବି ଏପରି କୌଣସି ସରକାରୀ ନିର୍ଦ୍ଦେଶନାମା ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ସିଡିପିଓ ଦୀପ୍ତିମୟି ନାୟକଙ୍କୁ ପଚାରିବାରେ କମିଟି ପୁନର୍ଗଠନ ପାଇଁ ଚିଠି କରିଥିଲି। ପୂର୍ବ ବୈଠକରେ ଫେଡରେଶନ ଗଠନ ହୋଇ ତାଙ୍କୁ ଚିଠା ପ୍ରଦାନ କରାଯାଇଥିଲା। ମାତ୍ର କମିଟି ଗଠନ ସମୟରେ ଆଡ୍‌ଭାଇଜରୀ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ନ ଥିଲେ। ତେଣୁ ପୁଣି କମିଟି ଗଠନ ପାଇଁ ସେ ବିଡିଓଙ୍କୁ ଅବଗତ କରାଇଥିଲେ। ଏହା କୋରମ ଅଭାବରୁ ସମ୍ଭବ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି।

# ରାସ୍ତାରୋକୋ ବେଳେ ଅଣଛାତ୍ରଙ୍କ ଆକ୍ରମଣ

ଯାଜପୁର ଟାଉନ,୩୦।୪(ଡି.ଏନ.ଏ.)



ଛାତ୍ରୀଛାତ୍ର ଥାନା ଘେରାଉ କରି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି।

- ଯୁକ୍ତ ୨ ପରୀକ୍ଷା ବାତିଲ ଦାବି
- ବହୁ ଛାତ୍ରୀଛାତ୍ର ଆହତ, ଥାନାରେ ଅଭିଯୋଗ

ଯାଜପୁର ଟାଉନ୍ ଏନ୍‌ସି କଲେଜ ନିକଟସ୍ଥ ଚିତାଲୋ କଲେଜ ଏବଂ ରିଜିଓନାଲ କଲେଜର ବହୁ ଯୁକ୍ତ ୨ ଛାତ୍ରୀଛାତ୍ର ଶୁକ୍ରବାର ସେମାନଙ୍କ ପରୀକ୍ଷା ବାତିଲ ଦାବି କରି ଏନ୍‌ସି କଲେଜ ନିକଟସ୍ଥ ଯାଜପୁର-ବରୁଆଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ନବ ନିର୍ମାଣ ଛାତ୍ର ସଙ୍ଗଠନ ପକ୍ଷରୁ ହୋଇଥିବା ଏହି ଆନ୍ଦୋଳନରେ ଉପରୋକ୍ତ କଲେଜର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଆନ୍ଦୋଳନ ଶାନ୍ତି ଶୃଙ୍ଖଳାର ସହିତ ଚାଲିଥିବା ବେଳେ ଜଣ ଅଣଛାତ୍ର ଯୁବକ ହଠାତ୍ ଏକ ଲାଠି ଧରି ଆସି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ପିଟିବା ଆରମ୍ଭ କରିଥିଲେ। ସମସ୍ତଙ୍କ ସମ୍ମୁଖରେ ଅଣଛାତ୍ର ଏବଂ ତାଙ୍କର କେତେଜଣ ସହଯୋଗୀ ଛାତ୍ରମାନଙ୍କୁ ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ପୂର୍ବକ ଆତଙ୍କରାଜ କରୁଥିଲେ ମଧ୍ୟ ସେମାନଙ୍କୁ କେହି ପ୍ରତିବାଦ କରି ନ ଥିବା ଦେଖାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଆକ୍ରମଣକାରୀ ଅଣଛାତ୍ରଙ୍କୁ ଧରିବା ପରିବର୍ତ୍ତେ ମାଡ଼ ଖାଇଥିବା ଜଣେ ଛାତ୍ର ନେତାଙ୍କୁ ଥାନାକୁ ନେଇ ଯାଇଥିଲେ। ପରେ ଛାତ୍ରୀଛାତ୍ର ଥାନା ଘେରାଉ କରି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

ଅନ୍ୟପକ୍ଷରେ ରାସ୍ତାରେ ଯାଉଥିବା ଆମ୍ବୁଲାନ୍ସକୁ ବାଟ ନ ଛାଡ଼ିବାରୁ ଛାତ୍ରମାନଙ୍କ ସହିତ ଯୁକ୍ତିତର୍କ ହୋଇଛି ଓ ଆକ୍ରମଣ ହୋଇନାହିଁ ବୋଲି କହି ଅଣଛାତ୍ରଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ତେବେ ପିଲାଙ୍କ ଉପରେ ଆକ୍ରମଣ ସମୟରେ ସେଠାରେ ଉପସ୍ଥିତ ଅନେକ ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଲୋକ ଘଟଣା ବେଳେ କୌଣସି ଆମ୍ବୁଲାନ୍ସ ସେହି ରାସ୍ତାରେ ଯାତାୟାତ କରୁ ନ ଥିଲା ବୋଲି କହିଛନ୍ତି। ପୋଲିସ ଉଭୟ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚଳାଇଛି।

**କରୋନା ଟିକା ନେବା ପରେ ପଜିଟିଭ ଚିହ୍ନଟ**

ଖଣ୍ଡପଡା, (ସ୍ୱ.ପ୍ର) : କରୋନା ଯୋଗୁ ଏବେ ସାଧାରଣରେ ଆତଙ୍କ ଖେଳି ଯାଇଛ। ଏପରି କି କରୋନା ଟିକା ନେବା ପରେ ମଧ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଏବେ ସେ ଛୁଟି ନେଇ ହୋମ ଆଇସୋଲେଶନରେ ରହିଛନ୍ତି। ତାଙ୍କ ସହ ମିଶିଥିବା ବ୍ୟକ୍ତି କରୋନା ପରୀକ୍ଷା କରାଇ ନେବାକୁ ସେ କହିଛନ୍ତି। ଷଡଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଥିଲା।

## ସଂକ୍ଷେପରେ

### ୩ରୁ ବନ୍ଦ ରହିବ ହାଇକୋର୍ଟ, ନିମ୍ନ ଅଦାଲତ

କଟକ ଅଫିସ, ୩୦।୪- କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ହାଇକୋର୍ଟ ସହ ନିମ୍ନ ଅଦାଲତରେ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ମେ' ୨୪ରୁ ଗ୍ରୀଷ୍ମକାଳୀନ ଛୁଟି ହେବ ବୋଲି ହାଇକୋର୍ଟ କ୍ୟାଲେଣ୍ଡରରେ ପୂର୍ବରୁ ଉଲ୍ଲେଖ ଥିଲା। ଏବେ ସଂକ୍ରମଣ ପାଇଁ ମେ' ୩ରୁ ଜୁନ୍ ୫ ପର୍ଯ୍ୟନ୍ତ କୋର୍ଟ ବନ୍ଦ ରହିବ । ତେବେ ଜୁନ୍ ୬ ତାରିଖ ରବିବାର ପଡୁଥିବାରୁ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ସେହିପରି ଜୁନ୍ ୧୪, ୧୫, ୧୬ ରଜ ପର୍ବ ରହୁଥିବାରୁ ଏହି ତିନିଦିନ ଅଦାଲତ ବନ୍ଦ ରହିବ। ଏହି ଗ୍ରୀଷ୍ମ ଅବକାଶ ସମୟରେ ହାଇକୋର୍ଟରେ ଭର୍ଚୁଆଲ ମୋଡରେ ଶୁଣାଣି ହେବ। ସେହିପରି ନିମ୍ନ ଅଦାଲତଗୁଡିକ ମଧ ଉପରୋକ୍ତ ଭାବେ ଛୁଟି ରହିବ।

### କେବଳ ବିଧି ପାଳିଲା ଲଙ୍କାପୋଡ଼ି ଯାତ୍ରା କମିଟି

**ଦଶପଲ୍ଲା, ୩୦।୪(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ କରୋନା କଟକଣା ଯୋଗୁ ଗତବର୍ଷ ଭଳି ଚଳିତବର୍ଷ ମଧ ଦଶପଲ୍ଲାରେ ଲଙ୍କାପୋଡି ଯାତ୍ରା ବନ୍ଦ କରାଯାଇଛି। ଗତ୨୧ତାରିଖ ଶ୍ରୀରାମ ନବମୀ ଦିନଠାରୁ ୨୭ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ କେବଳ ମନ୍ଦିର ମଧରେ ଦେବ ନୀତି ସମାପନ କରାଯିବା ସହ ପୁରାଣ ପାଠ କରାଯାଇଥିଲା। ମଙ୍ଗଳବାର ରାତିରେ କେବଳ ବିଧି ରକ୍ଷା ନିମନ୍ତେ ଲଙ୍କାପୋଡି (ରାବଣକୁ ପୋଡିବା) ନୀତି କରାଯିବା ସଙ୍ଗେ ସଙ୍ଗେ ବୁଧବାର ଶ୍ରୀରାମଙ୍କ ରାଜାଭିଷେକ ବିଧି ବିଧାନ ଅନୁଯାୟୀ କରାଯାଇଥିଲା। ଶରୀରମ୍ ଆଦ୍ୟମ୍ ଖଳୁ ଧର୍ମ ସାଧନମ୍ ନୀତିରେ ମାନବ ସମାଜର ରକ୍ଷା ପାଇଁ ଏଭଳି କରିବାକୁ ପଡିଲା ବୋଲି କହିଛନ୍ତି, ଲଙ୍କାପୋଡି ଯାତ୍ରା କମିଟିର ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ବେହେରା,ଉପସଭାପତି ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ପାଦକ ପରେଶ କୁମାର ସିଂ, ପୂର୍ବତନ ସମ୍ପାଦକ ସୂର୍ଯ୍ୟମଣି ଦାଶ, ଉପେନ୍ଦ୍ର କୁମାର ସାହୁ ପ୍ରମୁଖ। ତେବେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରାଯାଇ ଥିବାରୁ ପୂଜକ ଏବଂ ସେବାସୀମାନଙ୍କୁ କମିଟି ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

### କର୍ମକର୍ତ୍ତା ନିର୍ବାଚନ

**ନୟାଗଡ ଅଫିସ,୩୦।୪:** ନୟାଗଡ଼ ଜିଲାର ସର୍ବ ପୁରାତନ କେ.ସି. କ୍ଲବର କର୍ମକର୍ତ୍ତା ନିର୍ବାଚନ ଏବଂ ଶପଥପାଠ ଉତ୍ସବ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଏକବର୍ଷ ପାଇଁ କ୍ଲବର ସଭାପତି ଭାବେ କିଷାନ କୁମାର ଦାସ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ପ୍ରଭାତ କୁମାର ସାହୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଶାନ୍ତ କୁମାର ବରାଡ଼, ସହସମ୍ପାଦକ ନିଶିକାନ୍ତ ମହାନ୍ତି, କୋଷାଧକ୍ଷ ଭାବେ କାମେଶ ରଞ୍ଜନ ସାହୁ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଲକ୍ଷ୍ମୀଧର ସାହୁ, ରାମକୃଷ୍ଣ ରଥ, ବ୍ରଜବନ୍ଧୁ ପରିଡ଼ା, ଧର୍ମେନ୍ଦ୍ର ଗୁମାନସିଂ, ପ୍ରଶାନ୍ତ ଆଚାର୍ଯ୍ୟ, ରବୀନ୍ଦ୍ର ସାହୁ, ରାମପ୍ରସାଦ ବାରିକ, ଶିଶିର କୁମାର ନାୟକ, ସୁରେନ୍ଦ୍ର ମହାପାତ୍ର, ଉମେଶ ମଙ୍ଗୁଆଳ ପ୍ରମୁଖ ବର୍ଷେ ପାଇଁ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଅଧାପକ ସେକ୍ ଇସାକ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଶପଥପାଠ ଉତ୍ସବରେ କ୍ଲବର ବରିଷ୍ଠ ସଦସ୍ୟ ଯାମୀନିକାନ୍ତ ମିଶ୍ର, କମଳକାନ୍ତ ଦାସ ଏବଂ ପ୍ରଶାନ୍ତ ସାମନ୍ତରାୟ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

### ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବଦଳି

**ଖଣ୍ଡପଡା,୩୦।୪(ସ୍ୱ.ପ୍ର):** ଖଣ୍ଡପଡ଼ାରେ କାର୍ଯ୍ୟରତ ଏସ୍‌ଡିପିଓ ବିଶ୍ୱ ପ୍ରକାଶ ପଟ୍ଟନାୟକଙ୍କ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂତନ ଏସ୍‌ଡିପିଓ ଭାବେ ପ୍ରଭାତ କୁମାର ମଲ୍ଲିକ ଏଠାକୁ ଆସିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ନୂତନ ଏସ୍‌ଡିପିଓ ମଲ୍ଲିକ ପୂର୍ବରୁ କଟକ ଜିଲା ଅଧୀନ ବଡମ୍ବା ଥାନାରେ ଆଇଆଇସି ଭାବେ କାର୍ଯ୍ୟ ତୁଲାଉ ଥିଲେ।

# ଆକ୍ରାନ୍ତ ହେବା ପରେ ମିଳୁନି ସହଯୋଗ

## ଭାଙ୍ଗୁନି କରୋନା ସଂକ୍ରମଣ ଚେନ

- ଦମ୍ପତିଙ୍କ ଆତ୍ମହତ୍ୟା ପରେ ବଢ଼ିଲା ଭୟ
- ସହର ଓ ଗାଁରେ ବଢ଼ୁଛନ୍ତି ରୋଗୀ
- ଦିନକରେ ବାହାରିଲେଣି ୧୬୦ ପଜିଟିଭ

**ନୟାଗଡ଼ ଅଫିସ,୩୦।୪**

ନୟାଗଡ଼ ଜିଲାରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଜିଲା ପ୍ରଶାସନର ସଚେତନତା କାମ କରୁନି। ରଣପୁର ଥାନା ବେଗୁନିଆପାଟଣା ସୀମାନ୍ତରେ କରୋନା ଆକ୍ରାନ୍ତ ଦମ୍ପତିଙ୍କ ଆତ୍ମହତ୍ୟା ପରେ ଭୟ ବଢିଛି। କରୋନା ଆକ୍ରାନ୍ତ ହେବା ପରେ ପରିବାର, ବନ୍ଧୁବାନ୍ଧବ, ଗାଁ ଲୋକ ଓ ଡାକ୍ତର ମୁହଁ ଫେରାଇ ନେଉଥିବାରୁ ମାନସିକ ସ୍ତରରେ ଅନେକ ଆକ୍ରାନ୍ତ ଭାଙ୍ଗି ପଡୁଛନ୍ତି। ପୁଣି ଏଥିରେ ଅନେକ ଆକ୍ରାନ୍ତ ହୋଇ ପ୍ରାଣ ହରାଉଥିଲେ ମଧ ସେମାନଙ୍କ ନାଁ ସରକାରୀ ଭାବେ ଘୋଷଣା କରାଯାଉ ନ ଥିବାର ଅଭିଯୋଗ ରହିଛି। ଅନ୍ୟପକ୍ଷେ କରୋନା କଟକଣା ଲୋକେ ମାନୁନାହାନ୍ତି। ଜିଲା ସଦର ମହକୁମା ବଜାର ହେଉକି ଗ୍ରାମାଞ୍ଚଳ ସବୁଠି କଟକଣା ବାଟବଣା ହୋଇପଡିଛି। ବୁଧବାର ୧୨୨, ଗୁରୁବାର ୧୨୧, ଶୁକ୍ରବାର ୧୬୦ ଆକ୍ରାନ୍ତଙ୍କୁ ଦେଖିଲେ ଜିଲାର ୫ ସହର ଓ ଗାଁରେ ମାଡି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା।



ନୟାଗଡ଼ ସହର ଦୋକାନରେ କରୋନା କଟକଣାକୁ ନ ମାନି ଗ୍ରାହକଙ୍କ ଗହଳି।

### ବସ୍ ଯାତ୍ରୀଙ୍କ ଉପରେ କଟକଣା ରହୁନି



"ବସଯାତ୍ରୀଙ୍କ ଉପରେ କଟକଣା ରହୁନି। ବସରେ ଠେଲାପେଲା ହୋଇ ଯାତ୍ରୀ ଆସୁଛନ୍ତି। ଭୁବନେଶ୍ୱର, ଖୋର୍ଦ୍ଧା ଅଞ୍ଚଳରୁ ଯାତ୍ରୀ ଗଣିଆ ବ୍ଲକ ଓ ନୟାଗଡ଼ ଜିଲାକୁ ଆସୁଛନ୍ତି। ପୁଣି ବନ୍ଧୁବାନ୍ଧବ, ଫେରିବାଲା ଚିନ୍ତାର କାରଣ ପାଲଟିଛନ୍ତି। ବ୍ଲକରେ କରୋନା ଗୋଷ୍ଠୀ ସଂକ୍ରମଣ ହୋଇନି। କାଁ ଭାଁ ରୋଗୀ ଚିହ୍ନଟ ହେଉଛନ୍ତି। କରୋନା ନେଇ ଲୋକ ଭୟଭିତ ଥିଲେ ମଧ କଟକଣା ମାନୁନାହାନ୍ତି। ଯାହାକି ଚିନ୍ତାର କାରଣ ପାଲଟିଛି।

**-ରୁଦ୍ରାକ୍ଷ ଦଳେଇ, ଗଣିଆ।**

### ଏଚ୍‌ଆଇଭିର ସ୍ଥାନ ନେଇଛି କରୋନା



"ଏଚ୍‌ଆଇଭି ରୋଗୀଙ୍କୁ ଯେପରି ଲୋକ ଘୃଣା କରୁଥିଲେ ସେଭଳି କରୋନା ରୋଗୀଙ୍କୁ କରାଯାଉଛି। କେବଳ ରୋଗୀ ନୁହେଁ ତାଙ୍କ ପରିବାରକୁ ମଧ ବାଛନ୍ଦ କରାଯାଉଛି। ଥଣ୍ଡା ଓ କାଶ ହେଉଥିବା ରୋଗୀ ମଧ ବର୍ତ୍ତମାନ ଘୃଣାର ଯୋଗ୍ୟ ହୋଇଯାଇଛନ୍ତି। ରୋଗୀ ଠିକ୍ ସେବା ପାଉ ନ ଥିବାରୁ ଅନେକ ମୃତ୍ୟୁବରଣ କରୁଛନ୍ତି। କରୋନାକୁ ଲୋକ ଭୟ କରୁଥିଲେ ହେଁ କେତେଜଣ ଅମାନିଆ ରୋଗର ବାହାକ ସାଜିଛନ୍ତି। ରୋଗୀ ସଂଘରୋଧରେ ରୁହନ୍ତୁ ଅଥଚ ସେମାନଙ୍କୁ ଘୃଣା କରିବା ଅନୁଚିତ।

**- ଉଷା ପଟ୍ଟନାୟକ, ସାମଜିକ କର୍ମୀ, ଗଣିଆ**

### ଟେଷ୍ଟିଂ, ଟିକାକୁ ଗୁରୁତ୍ୱ ମିଳୁ



"କରୋନା ରୋଗ ନେଇ ଅଧିକ ସଚେତନତା ଦରକାର। ପୁଣି ଟେଷ୍ଟିଂ ଅଧିକା କରାଯିବା ସହ ଟିକାର ଅଭାବ ଦୂର କରିବା ଦରକାର। ପ୍ରଥମ ଡୋଜ୍ ଟିକା ନେଇଥିବା ବରିଷ୍ଠ ନାଗରିକମାନେ ଏବେ ୨ୟ ଡୋଜର ଅପେକ୍ଷାରେ ରହିଛନ୍ତି। ହେଲେ ଟିକା ନାହିଁ ବୋଲି କୁହାଯାଉଛି। ଟିକା ପାଇଁ ୧୮ରୁ ୪୪ ବର୍ଷର ବ୍ୟକ୍ତିମାନଙ୍କ ନାଁ ପଞ୍ଜୀକରଣ ଚାଲିଛି। ସରକାର ଜୀବନ ରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି ହେଲେ ଜୀବନ ଜୀବିକାକୁ ଅଣଦେଖା କରୁଛନ୍ତି। ବହୁ ଲୋକ ବ୍ୟବସାୟ, ଚାକିରୀ ହରାଇ ସାରିଲେଣି। ମଧବିତ୍ତ ପରିବାର ହଇରାଣ ହେଉଛନ୍ତି। ଗରିବ ଲୋକ ଭୋକ ଉପାସରେ ରହୁଛନ୍ତି। ଏଥିପାଇଁ ସରକାର ଆଗେଇ ଆସିବା ଦରକାର।

**-ଶରତ ବେହେରା, ସିପିଆଇ ନେତା, ଦଶପଲ୍ଲା**

### ପାକ୍ଷିକ ଶଟ୍‌ଡାଉନ କରାଯାଉ



"ନୟାଗଡ଼ ଜିଲା ସମେତ ଆମ ରାଜ୍ୟକୁ ୧୫ଦିନ ପୁରା ଶଟ୍‌ଡାଉନ କରାଯାଉ। ଲୋକେ ୧୫ ଦିନ ପାଇଁ ଘରେ ଖାଦ୍ୟ ସଞ୍ଚୟ କରି ରଖନ୍ତୁ। ବଞ୍ଚିବା ପାଇଁ ଆମକୁ କରୋନାକୁ ଚେକ ଦେବାକୁ ପଡିବ। ନାଇଟ୍ କର୍ଫ୍ୟୁ, ଶନିବାର ଓ ରବିବାର ଶଟ୍‌ଡାଉନ ବନ୍ଦ କରାଯାଉ। ଲୋକଙ୍କୁ ରୋଗ ନେଇ ଅଧିକ ସଚେତନତା କରାଯାଉ।

**- ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ୟବସାୟୀ, ନୟାଗଡ଼**

### ଆକ୍ରାନ୍ତ ପାଇଁ ୨୬୫ ଶଯ୍ୟା ଅଛି



"କରୋନା ରୋଗୀଙ୍କ ଚିକିତ୍ସା ପାଇଁ ନୟାଗଡ଼ ଜିଲାରେ ଚାନ୍ଦପୁରରେ ୧୪୦ ବେଡ ଓ ଖଣ୍ଡପଡାରେ ୧୨୫ ବେଡ ଅଛି। ଚାନ୍ଦପୁରରେ ଅକ୍ସିଜେନ ସହ ୧୦୦ ସାଧାରଣ ଶଯ୍ୟା, ୨୪ଟି ଭେଣ୍ଟିଲେଟର ନ ଥିବା ଆଇସିୟୁ ବେଡ, ୧୬ଟି ଭେଣ୍ଟିଲେଟର ବେଡ ରହିଛି। ଅପରପକ୍ଷେ ଲାଠିପଡାରେ ୪୦, ଓଡ଼ଗାଁରେ ୨୦୦, ନୟାଗଡ଼ ପିଟିଏସ୍‌ରେ ୧୦୦, ଖୁଣ୍ଟୁବନ୍ଧରେ ୧୦୦, ଦଶପଲ୍ଲାରେ ୧୦୦ ଶଯ୍ୟା କରାଯିବାର ବ୍ୟବସ୍ଥା ଚାଲିଛି। ୬୯ ରୋଗୀ ଭଲ ହୋଇଥିବାବେଳେ ୭୮୬ ରୋଗୀ ଚିହ୍ନଟ ହୋଇଛନ୍ତି। ଅକ୍ସିଜେନର ଅଭାବ ନାହିଁ।

**- ଶକ୍ତି ପ୍ରସାଦ ମିଶ୍ର, ସିଡିଏମ୍‌ଓ, ନୟାଗଡ଼**

### କୋଭିଡ୍ ସ୍ଥିତିର ସମୀକ୍ଷା ହେଉଛି



"ବାରମ୍ବାର କୋଭିଡ ସ୍ଥିତିର ସମୀକ୍ଷା କରାଯାଉଛି। ଲୋକଙ୍କୁ କରୋନା ସମ୍ପର୍କରେ ସଚେତନା କରାଯାଉଛି। ଶୁକ୍ରବାର ସିଡିପିଓ, ସୁପରଭାଇଜରମାନଙ୍କର ବୈଠକ କରାଯାଇ କରୋନା ନିୟନ୍ତ୍ରଣ ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ସନ୍ଧ୍ୟାରେ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବିଡିଓଙ୍କ ସହ ଭିସିରେ ଆଲୋଚନା, ସମୀକ୍ଷା କରାଯାଇଛି। ଅମାନିଆଙ୍କୁ ସଚେତନ କରାଯାଉଛି। କଟକଣାକୁ ଅଣଦେଖା କରୁଥିବା ଅମାନିଆଙ୍କଠାରୁ ଫାଇନ ଆଦାୟ କରାଯାଉଛି। ଦୋକାନ ବଜାରରେ ଭିଡ କମିବାକୁ ଗୁରୁତ୍ୱ ଦିଆଯାଉଛି। କରୋନାକୁ ରୋକ ଦେବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି।

**- ପୋମା ଟୁଡୁ, ଜିଲାପାଳ, ନୟାଗଡ଼**

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**ନୟାଗଡ଼ ଅଫିସ,୩୦।୪**

ଓଡଗାଁ ତହସିଲ ବାଣ୍ଣପୁର ପଞ୍ଚାୟତ ପୋଡାସାହିର ନୂଆସାହିରେ ଅଗ୍ନିକାଣ୍ଡରେ ୨୨ ପରିବାର ୪୦ ବଖରା ଜଳିଯାଇଥିଲା। ଶୁକ୍ରବାର ଅଗ୍ନିବିପନ୍ନଙ୍କୁ ଉତ୍କଳ ସମ୍ମିଳନୀର ନୟାଗଡ଼ ଜିଲା ଶାଖା ପକ୍ଷରୁ ଲୁଗା, ଲୁଙ୍ଗି, ଗାମୁଛା, ଛତୁଆ, ସପ, ବିସ୍କୁଟ ପ୍ରଦାନ କରାଯାଇଛି। ପୁଣି ଛୋଟ ପିଲାମାନଙ୍କୁ ପୋଷାକ, ଖାଦ୍ୟ, ପାଠ୍ୟ ଉପକରଣ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ସଭାପତି ବସିରନ ବିବି, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି।



ଉତ୍କଳ ସମ୍ମିଳନୀ ପକ୍ଷରୁ ବିପନ୍ନମାନଙ୍କୁ ବସ୍ତ୍ର ବଣ୍ଟା ଯାଉଛି।

## ୩ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ ଅଫିସ,୩୦।୪**

ନୟାଗଡ଼ ମ୍ୟୁନିସିପାଲିଟିର ୩ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପାଣି, ଶରତ ଚନ୍ଦ୍ର ପାଣି ଓ ସନ୍ତୋଷ କୁମାର ଦାସଙ୍କୁ ଅବରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ନିର୍ବାହୀ ଅଧିକାର ସନ୍ତୋଷ କୁମାର ଜେନା ଅଧକ୍ଷତା କରିଥିଲେ। କୋଭିଡ ଗାଇଡ ଲାଇନ ଅନୁସାରେ ଅନୁଷ୍ଠିତ ସଭାରେ ଅବସର ନେଇଥିବା ୩ କର୍ମଚାରୀଙ୍କୁ ଉତ୍ତରୀୟ, ମାନପତ୍ର, ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀଧର ମହାପାତ୍ର, କୈଳାସ ଜେନା, ନଳିନୀକାନ୍ତ ମିଶ୍ର, ଗଜେନ୍ଦ୍ର ମହାରଣା ଏହାକୁ ପରିଚାଳନା କରିଥିଲେ।

## କଟକଣା ଜାରି କଲା ବ୍ୟବସାୟୀ ମହାସଂଘ

**ଦଶପଲ୍ଲା, ୩୦।୪(ଡି.ଏନ.ଏ.)**

ଦଶପଲ୍ଲାର ୧୩ ଗୋଟି ବଣିକ ସଂଘ ସଭ୍ୟ ଭୁକ୍ତ ୮୫୦ ବ୍ୟବସାୟୀଙ୍କୁ ନେଇ ଗଠିତ ମହାବୀର ବଣିକ ମହାସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ସୋମବାରଠାରୁ ଆରମ୍ଭ କରି ୭ତାରିଖ ପର୍ଯ୍ୟନ୍ତ ସମସ୍ତ ବଜାର ସକାଳ ୫ଘଟିକାଠାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ୨ଟା ପରେ ଦୋକାନ ବଜାର ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଗ୍ରାହକମାନେ ସେମାନଙ୍କର ଆବଶ୍ୟକ ଜିନିଷ ପତ୍ର ଏହି ସମୟ ମଧରେ କ୍ରୟ କରିବା ପାଇଁ ନିବେଦନ କରାଯାଇଛି। ସମୟ ଏବଂ କରୋନାର ଭୟାବହତାକୁ ଆଖି ଆଗରେ ରଖି ଏହି ସମୟର ମଧ ପରିବର୍ତ୍ତନ କରାଯାଇ ପାରେ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆ ଯାଇଛି। ଏ ସମ୍ପର୍କରେ ସମସ୍ତ ବ୍ୟବସାୟୀ, ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଡାକ ବାଜି ଯନ୍ତ୍ର ଦ୍ୱାରା ମଧ ପ୍ରଚାର କରାଯାଇଛି।

## ଓଡ଼ଗାଁ ଏନ୍‌ଏସି : ସଫେଇ କାର୍ଯ୍ୟ ହେଲା ସ୍ୱାଭାବିକ

**ଓଡ଼ଗାଁ, ୩୦।୪(ସ୍ୱ.ପ୍ର.)**

ଓଡ଼ଗାଁ ଏନ୍‌ଏସିରେ ନୂତନ ସଫେଇ ନିଯୁକ୍ତିକୁ ବିରୋଧ କରି ପୁରୁଣା ସଫେଇ କର୍ମଚାରୀ କାର୍ଯ୍ୟବନ୍ଦ କାରଣରୁ ସ୍ଥାନୀୟ ଏନ୍‌ଏସି ଅଞ୍ଚଳରେ ୩ଦିନ ଧରି ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ହେଲେ ଏ ନେଇ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଆନ୍ଦୋଳନ କରୁଥିବା ସଫେଇ କର୍ମଚାରୀ ଓ ସମ୍ପୃକ୍ତ ଠିକା ସଂସ୍ଥା ସହ ଆଲୋଚନା କରୁଥିବା ବେଳେ ସେଥିମଧରୁ ୫ ଜଣ ଏନ୍‌ଏସିର ଅଳିଆ ବୁହା ଗାଡିକୁ ଆକ୍ରମଣ କରିଥିଲେ। ଫଳରେ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏହା ପରେ ଅବଶିଷ୍ଟ କର୍ମଚାରୀ ଭୁଲ ବୁଝି ଶୁକ୍ରବାର କାର୍ଯ୍ୟରେ ଯୋଗ ଦେବାରୁ ସଫେଇ କାମ ସ୍ୱାଭାବିକ ହୋଇଥିବା ନିର୍ବାହୀ ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି।

## ଗଛରୁ ପଡ଼ି ବୃଦ୍ଧ ମୃତ

**ନୟାଗଡ଼ ଅଫିସ,୩୦।୪**

ନୟାଗଡ଼ ବ୍ଲକ କେନ୍ଦୁଢ଼ିପି ତୋଟାରୁ ଶୁକ୍ରବର ଆମ୍ବ ତୋଳୁଥିବାବେଳେ ଗଛରୁ ଖସି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଯୋଗୀ ପ୍ରଧାନ(୭୦)। ଘର କେନ୍ଦୁଢ଼ିପି ଗାଁରେ। ତାଙ୍କୁ ଗୁରୁତର ଅବସ୍ଥାରେ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ନ ଥିବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜିଲାରେ ୧୬୦ କରୋନା ପଜିଟିଭ

**ନୟାଗଡ଼ ଅଫିସ,୩୦।୪**

ନୟାଗଡ଼ ଜିଲାରେ କରୋନାର ସ୍ଥିତି ବିଗିଡିବାରେ ଲାଗିଛି। କରୋନାର ୨ୟ ଲହରରେ ଶୁକ୍ରବାର ରିପୋର୍ଟରେ ଜିଲାରେ ୧୬୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୨୨୨ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ଜଣେ, ଦଶପଲ୍ଲାରେ ୪୬, ଗଣିଆରେ ୨, ଖଣ୍ଡପଡାରେ ୯, ନୟାଗଡରେ ୨୪, ନୂଆଗାଁରେ ୧୮, ଓଡ଼ଗାଁରେ୧୬, ରଣପୁର ବ୍ଲକରେ ୬, ନୟାଗଡ ମ୍ୟୁନିସିପାଲିଟିରେ ୩୮ଜଣ ଚିହ୍ନଟ ହୋଇଛନ୍ତି।

## ଟାଟା ହାଇଟେକ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ

**ଛତ୍ରପୁର,୩୦।୪(ଡି.ଏନ.ଏ.)**

ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ଶୁକ୍ରବାର ଟାଟା ହାଇଟେକ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ୫୫ ଆଇସିୟୁ ଶଯ୍ୟା ସହ ୨୧୩ ଶଯ୍ୟା ରହିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। ଭୁବନେଶ୍ୱରର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ଏମକେସିଜି ଓ ଅଶ୍ୱିନୀ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇସାରିଛି ।

## ୮ମ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଅଷ୍ଟ ସେନାଧକ୍ଷଙ୍କ ବିଚାରବିମର୍ଷ

### ଓଡ଼ଗାଁରେ ଶ୍ରୀରାମ ନବମୀ ଉତ୍ସବ

**ଓଡ଼ଗାଁ, ୩୦।୪(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଉତ୍ସବ ଅବସରର ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣ ଓ ଦୁଇମିତ୍ରଙ୍କ ସମେତ ଅଷ୍ଟ ସେନାଧକ୍ଷଙ୍କ ସହିତ ବିଚାର ବିମର୍ଷ କରୁଥିବା ଦୃଶ୍ୟରେ ଦର୍ଶନ ଦେଇଛନ୍ତି। ରଘୁକୂଳ ତିଳକ, ସାନୁଜ ଲକ୍ଷ୍ମଣ ଓ ମାତା ଜାନକୀ ଚିତ୍ରକୂଟ ଅବସାନ ଅନ୍ତେ ଅନ୍ୟତ୍ର ଗମନ କରିବା ଅବସରରେ ମାୟାବୀ ରାବଣ ସ୍ୱର୍ଣ୍ଣ ହରିଣର ଭ୍ରମ ସୃଷ୍ଟି କରି ସୀତାଙ୍କୁ ହରଣ କରିଥିଲା। ପ୍ରଭୁ ସୀତାଙ୍କୁ ଉଦ୍ଧାର କରିବାକୁ ବଳିଙ୍କୁ ବଦ୍ଧ କରିବା ପରେ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ଓ ବିଭୀଷଣଙ୍କ ଆଗମନ ପରେ ସୁବଳୟା ପର୍ବତରେ ଅଷ୍ଟ ସେନାଧକ୍ଷଙ୍କ ସହ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଆଲୋଚନା କରୁଛନ୍ତି। ପ୍ରଭୁ ପରମ ମିତ୍ର ସୁଗ୍ରୀବଙ୍କ କୋଳରେ ବ୍ୟାଘ୍ର ଛାଲ ଉପରେ ବସିଥିବା ବେଳେ ପରମଭକ୍ତ ହନୁମାନ, ଯୁବରାଜ ଅଙ୍ଗଦ, ଜାମ୍ବବାନ, ନଳ, ନୀଳ, ସୁଶେଣ, ଗବାୟ ଓ ଗବାକ୍ଷ ଆଦି ସେନାଧକ୍ଷ ପ୍ରଭୁ ଶ୍ରୀରାମଙ୍କ ବେନି ପାର୍ଶ୍ୱରେ ରହିଛନ୍ତି। ଦୁଇମିତ୍ର ସୁଗ୍ରୀବ ଓ ବିଭୀଷଣଙ୍କ ସମେତ ଅଷ୍ଟ ସେନାଧକ୍ଷ ସଶସ୍ତ୍ରରେ ସଜ୍ଜିତ ହୋଇ ଲଙ୍କା ଆକ୍ରମଣ ପୂର୍ବକ ମାତା ଜାନକୀଙ୍କୁ ଉଦ୍ଧାର କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛନ୍ତି। ଶନିବାର ସନ୍ଧ୍ୟାରେ ପ୍ରଭୁ ଯୁଦ୍ଧଯାତ୍ରାରେ ଦର୍ଶନ ଦେବେ। ହେଲେ କୋରୋନା କଟକଣା କାରଣରୁ ଚଳିତବର୍ଷ ରାବଣ ପୋଡି କମିଟି ପକ୍ଷରୁ ବିଳମ୍ବିତ ରାତିରେ ହେବାକୁ ଥିବା ରାବଣ ପୋଡି ଓ ଶୋଭାଯାତ୍ରା ସମାରୋହକୁ ବାରଣ କରାଯାଇଛି।



ଶ୍ରୀରଘୁନାଥଜୀଙ୍କ ଅଷ୍ଟ ସେନାଧକ୍ଷଙ୍କ ସହ ବିଚାରବିମର୍ଷ ବେଶ।